କି.ଗ୍ରା. ଯବକ୍ଷାରଜାନ ୮୦ ରୁ ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ ରୁ ୧୦୦ କି.ଗ୍ରା. ପଟାସ୍ ସାର ଦିଅନ୍ତୁ। ୨୫ ରୁ ୩୦ ଦିନ ପରେ କୋଡ଼ା ଖୁସା କରି ଘାସ ବାଛି ଅବଶିଷ୍ଟ ୬୦ ରୁ ୭୫ କି.ଗ୍ରା. ଯବକ୍ଷାରଜାନ ହୁଡାସାର ହିସାବରେ ବ୍ୟବହାର କରି ହୁଡା ଟେକି ଦିଅନ୍ତୁ। ମାଟିର ପାଗ ଦେଖି ୧୦ ରୁ ୧୫ ଦିନ ବ୍ୟବଧାନରେ ଜଳସେଚନ କରାଯାଏ। ସିଆରରେ ହୁଡାର ଦୁଇ ତୃତୀୟାଂଶ ଉଚ୍ଚ ପର୍ଯ୍ୟନ୍ତ ପାଣି ଦିଆଯାଏ। ପତ୍ର ହଳଦିଆ ପଡ଼ିଲେ ପାଣି ଦେବା ବନ୍ଦ କରିଦିଆଯାଏ।

## ରୋଗ ନିୟନ୍ତ୍ରଣ:

**ସଅଳ ପତ୍ର ପୋଡା ରୋଗ:** ଏ ରୋଗ ମୁଖ୍ୟତଃ ପତ୍ର ଓ ଆଳୁରେ ଦେଖାଯାଇଥାଏ। ଏହି ରୋଗର ଦମନ ପାଇଁ ରୋଗମୁକ୍ତ ବିହନ ବ୍ୟବହାର କରନ୍ତୁ। ଫସଲ ୪୫ ଦିନର ହୋଇଗଲେ ସେଥିରେ ୧% ୟୁରିଆ ଓ ୦.୩% ମାଙ୍କୋଜେବ୍ ସିଞ୍ଚନ୍ କରନ୍ତୁ ଓ ୬୦ ଦିନ ଆଉ ଥରେ ଦୋହରାନ୍ତୁ।

**ବିଳମ୍ୱ ପତ୍ରପୋଡା ରୋଗ:** ଏହି ରୋଗ ପତ୍ର, ଡାଳ ଓ ଆଳୁରେ ଦେଖାଯାଇଥାଏ। ପତ୍ରର ଦାଗ ଓଦା ହେବାପରି ଦେଖାଯାଏ, ଧାରରେ ପତଳା ତୁଳା ଲାଗିବା ପରି ଜଣାପଡ଼େ। ଏ ରୋଗର ଦମନ ପାଇଁ ୪୦ ଦିନର ଫସଲରେ ମାଙ୍କୋଜେବ୍ ୦.୩% ସିଞ୍ଚନ କରନ୍ତୁ ଓ ୧୦ରୁ ୧୨ ଦିନ ବ୍ୟବଧାନରେ ଆଉ ୨ଥର ଦୋହରାନ୍ତୁ। ମାଙ୍କୋଜେବ୍ ପରିବର୍ତ୍ତେ ୦.୨୫% ମେଟାଲାକ୍ସିଲ୍ + ମାଙ୍କୋଜେବ୍ ସିଞ୍ଚନରୁ ମଧ୍ୟ ସୁଫଳ ମିଳିଥାଏ।

**ଝାଉଁଳା ରୋଗ:** ଫିମ୍ପି ଓ ବ୍ୟାକ୍ଟେରିଆ ଦ୍ୱାରା ଉଭୟ ଗଛ ଓ ଆଳୁ କ୍ଷତି ହୋଇଥାଏ। ଆକ୍ରାନ୍ତ ଗଛଗୁଡଇକ ସମ୍ପୂର୍ଣ୍ଣ ଝାଉଁଳି ଯାଇ ମରିଯାଏ। ବିହନ ଲଗାଇବା ପୂର୍ବରୁ ହେକ୍ଟର ପିଛା ୧୨ କି.ଗ୍ରା. ଉନ୍ନତ ମାନର ବ୍ଲିଚିଂ ପାଉଡର ମାଟିରେ ପ୍ରୟୋଗ କରନ୍ତୁ। ଝାଉଁଳି ଯାଇଥିବା ଗଛଗୁଡିକୁ ଉପାଡ଼ି ପୋତି ବା ପୋଡ଼ି ଦିଅନ୍ତୁ।

**ସାଧାରଣ ଯାଦୁରୋଗ:** ଆଳୁର ଉପରେ ଯାଦୁରା ଦାଗ ଦେଖାଯାଇଥାଏ। ଆଳୁ ବିହନର ରଖିବା ପୂର୍ବରୁ ୩% ବୋରିକ୍ ଏସିଡ୍ ଦ୍ରବଣରେ ବିହନକୁ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ଭଲକରି ଶୁଖାନ୍ତୁ। ଗଛ ହୁଡାରେ ଅଧିକ ଜଳୀୟ ଅଂଶ ବଜାୟ ରଖନ୍ତୁ। ଖରାଟିଆ ଚାଷ କରନ୍ତୁ। ମାଟିରେ ଅଧିକ ଅମ୍ଳ ଏହି ରୋଗକୁ ଦମନ କରେ।

## କୀଟ ନିୟନ୍ତ୍ରଣ :

କାଙ୍କେଡିଆ ପୋକ ପାଇଁ ପ୍ରୋଫେନ୍‌ଫସ୍ ୨ମିଲି/ଲିଟର ୧୫ ଦିନ ବ୍ୟବଧାନରେ ୨ଥର ସିଞ୍ଚନ କରନ୍ତୁ, ଆଳୁମଥ୍, ପାଇଁ ଅମଳର ଦୁଇ ସପ୍ତାହ ପୂର୍ବରୁ କାର୍‌ଟାପ୍ ୧.୫ଗ୍ରାମ୍/ଲିଟର ସିଞ୍ଚନ କରନ୍ତୁ। କର୍ତ୍ତକ କୀଟ ଦେଖାଦେଲେ ପାଇଁ ପ୍ରତି ଲିଟର ପାଣିରେ ୧ମି.ଲି. ଡାଇକ୍ଲୋରଭସ୍ ଓ ୧ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସଂଧ୍ୟା ସମୟରେ ସିଞ୍ଚନ କରନ୍ତୁ ଏବଂ ଜଉପୋକ ନିୟନ୍ତ୍ରଣ ପାଇଁ ୦.୩% ମି.ଲି. ଇମିଡାକ୍ଲୋପ୍ରିଡ୍/ଲିଟର କିମ୍ବା ଡାଇମେଥାଏଟ୍ ୨ ମି.ଲି./ଲିଟର ସିଞ୍ଚନ କରନ୍ତୁ। ଆବଶ୍ୟକ ହେଲେ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ କୃଷି ବୈଜ୍ଞାନିକଙ୍କ ପରାମର୍ଶ ନିଅନ୍ତୁ।

2025030500

# ଉନ୍ନତ ପ୍ରଣାଳୀରେ
# ଆଳୁ ଚାଷ



ସଂପାଦନା
**ଡଃ. ଜୟନ୍ତ କୁମାର ପତି**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ
ବିଷୟବସ୍ତୁ
**ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ସମରେନ୍ଦ୍ର ବରାଳ,**
**ଶ୍ରୀମତୀ ଅନୁଭା କୁଜୁର୍**
କମ୍ପ୍ୟୁଟର ସହାୟତା: ଶ୍ରୀ ସୋମଦତ୍ତ ମହାନ୍ତି

କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା, ସୁନ୍ଦରଗଡ଼-୨
ହକିଛକ, ପାନପୋଷ, ରାଉରକେଲା- ୭୬୯୦୦୪, ଫୋନ: ୦୬୬୧-୨୯୧୦୨୩୪

E-mail: r kvksundargarh2.ouat@gmail.com, www.kvksundargarh2.org
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଉନ୍ନତ ପ୍ରଣାଳୀରେ ଆଳୁ ଚାଷ

ଆଳୁ ଏକ ସୁସ୍ୱାଦୁ ପୁଷ୍ଟିକର ଖାଦ୍ୟ। ଏଥିରେ ଶ୍ୱେତସାର, ପୁଷ୍ଟିସାର, ଖଣିଜ ଓ ଭିଟାମିନ୍ ଭରପୁର ଅଛି। ଆଳୁର ଉତ୍ପାଦିକହ ଶକ୍ତି ଅଧିକ ହୋଇଥିବାରୁ ଜଣେ ଛୋଟ ଚାଷୀ ତାର ସୀମିତ ଜମିରେ ଆଳୁ ଚାଷ କଲେ ଲାଭବାନ ହେବ। ଆମ ରାଜ୍ୟରେ ବ୍ୟବହୃତ ହେଉଥିବା ମୁଖ୍ୟ ପନିପରିବା ମାନଙ୍କ ମଧ୍ୟରେ ଆଳୁ ଅନ୍ୟତମ। ଏହା ରାଜ୍ୟର ଅପେକ୍ଷାକୃତ ଉଷ୍ଣ ଜଳବାୟୁ ଓ ଅଳ୍ପ ଶୀତର ଅବଧି ମଧ୍ୟରେ ସଫଳତା ସହ ଚାଷ କରାଯାଇ ପାରୁଛି।

## ଜଳବାୟୁର ଆବଶ୍ୟକତା:

ଆଳୁ ଚାଷ କମ୍ ତାପମାତ୍ରା, କମ୍ ଆର୍ଦ୍ରତା, ଅଳ୍ପ ପବନ ଓ ଗାଢ଼ ସୂର୍ଯ୍ୟକିରଣ ଆବଶ୍ୟକତା କରେ। ଏହି ଫସଲ ବାଲିଆ, ଦୋରସା ମାଟି ଓ ବତର ଥିବା ମାଟିରେ ଭଲ ଚାଷ ହୋଇଥାଏ। ସୂଚନା ଯୋଗ୍ୟ ଯେ, ଅତ୍ୟଧିକ ତାପମାତ୍ରା କନ୍ଦ ବୃଦ୍ଧିକୁ ପ୍ରଭାବ ପକାଇଥାଏ ଓ ୩୦° ସେଣ୍ଟିଗ୍ରେଡ୍‌ରୁ ଅଧିକ ତାପମାତ୍ରା ହେଲେ କନ୍ଦ ବୃଦ୍ଧି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ।

## ଜମିର ଆବଶ୍ୟକତା ଓ ପ୍ରସ୍ତୁତି :

ଆଳୁ ପାଇଁ ସାଧାରଣତଃ ନିଗିଡା ଓ ବାଲିଆ ଦୋରସା ମାଟି ସର୍ବୋତ୍କୃଷ୍ଟ। ମାଟିର ଅଳ୍ପ ଅମ୍ଳ ଅଂଶ (ଚଏଞ୍ଚ ୫.୫ ରୁ ୭.୦) ରହିବା ବାଞ୍ଛନୀୟ। ମାଟିକୁ ଦୁଇଥର ଭଲ ଭାବରେ ଚାଷ କରି ଦୁଇଥର ମହୀ ଦେଇ ସମତୁଲ କରିଦିଅନ୍ତୁ। ମାଟିରେ ଉଵର ପ୍ରାଦୁର୍ଭାବ ଥିଲେ ହେକ୍ଟର ପିଛା ୨୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ଓ ଝାଉଁଳା ରୋଗର ନିରାକରଣ ପାଇଁ ୧୨ କି.ଗ୍ରା. ଉତ୍କୃଷ୍ଟମାନର ବ୍ଲିଚିଂ ପାଉଡ଼ର ଶେଷ ଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ।

ଆଳୁର ଉନ୍ନତ କିସମ

ଆଳୁ ଚାଷ ମୁଖ୍ୟତଃ ବିହନର କିସମ ଓ ମାନ ଉପରେ ନିର୍ଭର କରେ। ଆମ ରାଜ୍ୟ ପାଇଁ ଉପଯୋଗୀ ହେଉଥିବା କେତେକ ଉନ୍ନତ, ଅଧିକ ଅମଳକ୍ଷମ ଏବଂ ରୋଗ ଓ ପୋକ ପ୍ରତିରୋଧକ ଗୁଣ ସମ୍ପନ୍ନ କିସମଗୁଡିକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି, ଯଥା (୧) ସଅଳ କିସମ (୭୦-୮୦ ଦିନ), (୨) ମଧ୍ୟମ କିସମ (୯୦-୧୦୦ ଦିନ) ଓ (୩) ବିଳମ୍ବ କିସମ (୧୧୦-୧୨୦) ଦିନ)। ଆମ ରାଜ୍ୟରେ ଶୀତର ସ୍ୱଳ୍ପ ଅବଧି ଦୃଷ୍ଟିରୁ ସଅଳ ଓ ମଧ୍ୟମ କିସମ ଗୁଡ଼ିକ ଚାଷ ପାଇଁ ଅଧିକ ଉପଯୁକ୍ତ। ଆଳୁର ବିଭିନ୍ନ କିସମର ମୁଖ୍ୟ ଗୁଣଗୁଡିକ ହେଲା-

### ସଅଳ କିସମ:

**କୁଫ୍ରି ଚନ୍ଦ୍ରମୁଖୀ:** ଏହାର ଫୁଲ ନାଲି-ବାଇଗଣୀ ରଙ୍ଗର। ଆଳୁଗୁଡିକ ଟିକିଏ ଲମ୍ୱାଳିଆ ଓ ଧଳା କ୍ରିମ୍ ବା ସର ରଙ୍ଗର। ଆଖିଗୁଡିକ ଅଗଭୀର ଏବଂ ଆଳୁର ଭିତର ରଙ୍ଗ ଧଳା। ଏହାର ଅବଧି ୭୦-୮୦ ଦିନ ଏବଂ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୨୦୦-୨୫୦ କ୍ୱିଣ୍ଟାଲ। ଏହା ସଅଳ ଓ ବିଳମ୍ବ ପତ୍ରପୋଡା ରୋଗ ସମେତ ଅନେକ ରୋଗର ପ୍ରତିରୋଧ କରିପାରେ ନାହିଁ।

**କୁଫ୍ରି ଅଶୋକ:** ଧଳା ସର ରଙ୍ଗର ଏହି ଆଳୁଗୁଡିକ ଟିକିଏ ଲମ୍ୱାଳିଆ। ଏହାର ଅବଧି ୭୦-୮୦ ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୨୫୦-୩୦୦ କ୍ୱିଣ୍ଟାଲ୍। ଏହା ବିଳମ୍ବ ପତ୍ର ପୋଡା ଓ ଭାଇରସ୍ ଜନିତ ରୋଗ ସମେତ ଅନେକ ରୋଗର ପ୍ରତିରୋଧ କରିପାରେ ନାହିଁ।

**କୁଫ୍ରି ଜବାହର:** ଆଳୁଗୁଡିକର ରଙ୍ଗ ଧଳା। ଆକୃତି ଇସତ୍ ଲମ୍ୱାଳିଆ। ଅବଧି ୭୦-୮୦ ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୨୫୦ ରୁ ୩୦୦ କ୍ୱିଣ୍ଟାଲ୍।

### ମଧ୍ୟମ କିସମ

**କୁଫ୍ରି ପୁଖରାଜ:** ଆଳୁର ରଙ୍ଗ ହଳଦିଆ। ଆଳୁଗୁଡିକ ଟିକିଏ ଲମ୍ୱା ଓ ଆଖିଗୁଡିକ ଅଗଭୀର। ଏହି କିସମର ଅବଧି ୮୦-୯୦ ଦିନ ଏବଂ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୩୫୦ ରୁ ୪୦୦ କ୍ୱିଣ୍ଟାଲ୍।

**କୁଫ୍ରି ସୂର୍ଯ୍ୟ:** ଆଳୁର ରଙ୍ଗ ଧଳା ହୋଇଥିବା ବେଳେ ଭିତରର ରଙ୍ଗ କ୍ରିମ୍ ପରି। ଅବଧି ୯୦ ରୁ ୧୦୦ ଦିନ ଏବଂ ହାରାହାରି ଅମଳ ଧମତା ହେକ୍ଟର ପଅ ୩୦୦-୩୫୦ କ୍ୱିଣ୍ଟାଲ୍।

**କୁଫ୍ରି ଜ୍ୟୋତି:** ଆଳୁର ରଙ୍ଗ ଧଳା। ଏହା ଉଭୟ ପାହାଡିଆ ଓ ସମତଳ ଅଞ୍ଚଳରେ ଚାଷ କରାଯାଇପାରେ। ଆକୃତି ସାମାନ୍ୟ ଲମ୍ୱାଳିଆ। ଏହାର ଅବଧି ୯୦-୧୦୦ ଦିନ ଏବଂ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୨୫୦ ରୁ ୩୦୦ କ୍ୱିଣ୍ଟାଲ୍। ଏହାର ଉଭୟ ସଅଳ ଓ ବିଳମ୍ବ ପତ୍ରପୋଡା ରୋଗ ପ୍ରତିରୋଧି।

**କୁଫ୍ରି ଲାଲିମା:** ଆଳୁର ଉପର ଅଂଶ ଇସତ୍ ନାଲି କିନ୍ତୁ ଭିତରଟି ଧଳା। ଏହାର ଅବଧି ୯୦-୧୦୦ ଦିନ ଓ ହାରାହାରି ଉତ୍ପାଦନ କ୍ଷମତା ୨୦୦-୨୫୦ କ୍ୱିଣ୍ଟାଲ୍।

**କୁଫ୍ରି ଅରୁଣ :** ଆଳୁଗୁଡିକ ନାଲି, ସାମାନ୍ୟ ଲମ୍ୱାଳିଆ। ଭିତରଟି ସର ରଙ୍ଗର। ଅବଧି ୯୦-୧୦୦ ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୩୦୦-୩୫୦ କ୍ୱିଣ୍ଟାଲ୍।

କୁଫ୍ରି ବାଦଶାହ: ଆଳୁଗୁଡିକ ଧଳାସର ରଙ୍ଗର। ଆକୃତି ଲମ୍ୱାଳିଆ, ଏହାର ଅବଧି ୧୦୦-୧୧୦ ଦିନ ଏବଂ ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୩୦୦-୩୫୦ କ୍ୱିଣ୍ଟାଲ୍।

### ବିଳମ୍ବ କିସମ

**କୃଫ୍ରି ସିନ୍ଦୁରି:** ଆଳୁଗୁଡିକ ଗୋଲ ଓ ନାଲି ରଙ୍ଗର ଅଥଚ ଭିତରଟି ସର ରଙ୍ଗର। କିସମର ଅବଧି ୧୧୦-୧୨୦ ଦିନ ଓ ହାରାହାରି ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି ୩୦୦-୪୫୦ କ୍ୱିଣ୍ଟାଲ୍।

## ଲଗାଇବାର ସମୟ ଓ ପ୍ରଣାଳୀ

ସଅଳ କିସମ ନଭେମ୍ବର ୨ୟ ସପ୍ତାହା ବେଳକୁ ଲଗାଯାଉଥିବା ବେଳେ ମଧ୍ୟମ ଓ ବିଳମ୍ବ କସିମ ଅକ୍ଟୋବର ଶେଷରୁ ନଭେମ୍ବର ୧ମ ସପ୍ତାହ ମଧ୍ୟରେ ଲଗାଯାଇଥାଏ। ଆମ ରାଜ୍ୟରେ ଶୀତର ସ୍ୱଳ୍ପ ଅବଧି ଦୃଷ୍ଟିରୁ ବିଳମ୍ବ କିସମ ପ୍ରାୟତଃ ଚାଷ କରଯାଏ ନାହିଁ। ୨ ରୁ ୩ଟି ଆଖି ଥିବା ବିହନ ଖଣ୍ଡର ଓଜନ ୨୫-୩୫ ଗ୍ରାମ ହେବା ଉଚିତ୍ ଏବଂ ହେକ୍ଟର ପିଛା ପ୍ରାୟ ୨୦-୩୦ କ୍ୱିଣ୍ଟାଲ ବିହନ ଦରକାର। ବିହନ ଖଣ୍ଡଗୁଡିକୁ ୦.୩% ମାଙ୍କୋଜେବ୍ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ୧୨ ଘଣ୍ଟା ଶୁଖାଇବା ଉଚିତ୍। ବିହନ ଲଗାଇବା ପୂର୍ବରୁ ସେଥିରେ ଗଜା କରାଇବାକୁ ପଡ଼େ। ବିଶୋଧିତ ବିହନ ଖଣ୍ଡ ଗୁଡ଼ିକୁ ଧାଡ଼ି ଧାଡ଼ି ମଧ୍ୟରେ ୬୦ ସେ.ମି. ଓ ଗଛକୁ ଗଛ ମଧ୍ୟରେ ୨୦ ସେ.ମି. ବ୍ୟବଧାନରେ ସିଆର କରି ପ୍ରାୟ ୧ ଇଞ୍ଚ ତଳେ ଲଗାଇବା ଉଚିତ୍।

## ଖତ ଓ ସାର ଓ ଜଳସେଚନ :

ଶେଷ ଜମି ପ୍ରସ୍ତୁତି ସମୟରେ ହେକ୍ଟର ପିଛା ୧୦ ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଲଗାଇବାର ଠିକ୍ ପୂର୍ବରୁ ମୂଳ ସାର ହିସାବରେ ହେକ୍ଟର ପିଛା ୬୦ ରୁ ୭୫